**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**16 February – 2025**

# ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ

ରାଜ୍ୟ ଅର୍ଥନୈତିକ ସର୍ଭେ-୨୦୨୪-୨୫ ରିପୋର୍ଟ ଗତକାଲି ପ୍ରକାଶ ପାଇଛି । ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ୍ ଘରୋଇ ଉତ୍ପାଦନ ୯ ଦଶମିକ ୫ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ରାଜ୍ୟର ବାସ୍ତବ ଅର୍ଥନୈତିକ ଅଭିବୃଦ୍ଧି ହାର ୭ ଦଶମିକ ୨ ପ୍ରତିଶତ ରହିବ । ମୁଣ୍ଡପିଛା ଆୟ ମଧ୍ୟ ୧୦ ଦଶମିକ ୬ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି । ଗତବର୍ଷ ଜୁନ୍ ମାସରୁ ଚଳିତବର୍ଷ ଜାନୁୟାରୀ ମାସ ମଧ୍ୟରେ ରାଜ୍ୟ ସରକାର ୨ଲକ୍ଷ ୪୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୩୩ଟି ନୂତନ ନିବେଶକୁ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ୧ ଦଶମିକ ୮ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିବେ ।

# ମୁଖ୍ୟମନ୍ତ୍ରୀ

ଆସନ୍ତା ୨୦୨୭ ସୁଦ୍ଧା ରାଜ୍ୟର ୨୫ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଗତକାଲି ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ପି.ଏମ୍.ଶ୍ରୀ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି । ଖୁବ୍‌ଶୀଘ୍ର ସାଢ଼େ ୩ କୋଟି ଲୋକ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ହେବେ । ରାଜ୍ୟରେ ଜଳର ସୁପରିଚାଳନା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସଂପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ । ଆସନ୍ତାବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟରେ ନକ୍ସଲପନ୍ଥୀ କାର୍ଯ୍ୟକଳାପକୁ ମୂଳୋତ୍ପାଟନ କରିବା ଲାଗି ସରକାର ଲକ୍ଷ୍ୟ ରଖିଥିବା ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

# ମତ୍ସ୍ୟଚାଷ

ରାଜ୍ୟରେ ମତ୍ସ୍ୟଚାଷ କ୍ଷେତ୍ରକୁ ସୁଦୃଢ଼ କରିବା, ସରକାରୀ ଯୋଜନାର ଉତ୍ତମ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ସହିତ ମାଛ ଉତ୍ପାଦନ ବୃଦ୍ଧି ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱ ଆରୋପ କରିଛନ୍ତି । ରାଜ୍ୟରେ ମତ୍ସ୍ୟଚାଷ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସ୍ଥିତି ନେଇ ଆୟୋଜିତ ସମୀକ୍ଷା ବୈଠକରେ ରାଜ୍ୟପାଳ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ ରହିଥିବା ସୁବିଧା ସୁଯୋଗ ନେଇ  ବୈଠକରେ ସୂଚନା ଦେଇଥିଲେ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବୈଠକରେ ଯୋଗ ଦେଇ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା କାର୍ଯ୍ୟକ୍ରମ ଗୁଡ଼ିକ ସଂପର୍କରେ ଆଲୋକପାତ କରିଥିଲେ ।

## ନାବାର୍ଡ-ଉପମୁଖ୍ୟମନ୍ତ୍ରୀ

ରାଜ୍ୟର ଅଗ୍ରାଧିକାର କ୍ଷେତ୍ରଗୁଡ଼ିକ ପାଇଁ ବ୍ୟାଙ୍କ ଋଣ ବୃଦ୍ଧି ଉପରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଗୁରୁତ୍ୱ ଆରୋପ କରିଛନ୍ତି । ନାବାର୍ଡ ପକ୍ଷରୁ ଗତକାଲି ଭୁବନେଶ୍ୱର ଠାରେ ଆୟୋଜିତ ଆସନ୍ତା ଆର୍ଥିକବର୍ଷ ପାଇଁ ରାଜ୍ୟ କ୍ରେଡିଟ୍ ସେମିନାରକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ସିଂହଦେଓ ଏହା କହିଛନ୍ତି । ଆସନ୍ତା ଆର୍ଥିକବର୍ଷ ପାଇଁ ପ୍ରାଥମିକ କ୍ଷେତ୍ରରେ ସାମଗ୍ରିକ ଋଣ ପରିମାଣ ୨ ଲକ୍ଷ ୫୨ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଗ୍ରାମୀଣ ଭିତ୍ତିଭୂମି ବିକାଶ, ଜଳସେଚନ, ସ୍ୱୟଂସହାୟକ ଗୋଷ୍ଠୀ, କ୍ଷୁଦ୍ର ଉଦ୍ୟୋଗ ଆଦିର ବିକାଶ କ୍ଷେତ୍ରରେ ନାବାର୍ଡ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂପର୍କରେ ବୈଠକରେ ଆଲୋଚନା ହୋଇଛି ।

---

## ଅର୍ଥ କମିଶନ

ରାଜ୍ୟ ଷଷ୍ଠ ଅର୍ଥ କମିଶନ ଅଧ୍ୟକ୍ଷ ଅରୁଣ କୁମାର ପଣ୍ଡା ଏବଂ କମିଶନର ଅନ୍ୟ ସଦସ୍ୟଗଣ ଗତକାଲି ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ଅବସରରେ ରାଜ୍ୟ ଅର୍ଥନୀତିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ କମିଶନର ସଦସ୍ୟ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ମତ ବିନିମୟ ହୋଇଥିଲା ।

---

# ଚିଠାନୀତି

ସୂଚନା ଓ ପ୍ରଯୁକ୍ତିବିଦ୍ୟା ଆଇଟି ଚିଠାନୀତି ଉପରେ ରାଜ୍ୟ ସରକାର ଶିଳ୍ପ ପ୍ରତିନିଧିଙ୍କ ମତାମତ ଲୋଡ଼ିଛନ୍ତି । ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ ନାସ୍‌କମ୍ ପ୍ରତିନିଧିଙ୍କ ମଧ୍ୟରେ ଗତକାଲି ଭୁବନେଶ୍ୱରଠାରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ବିଭାଗୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଇଟି କ୍ଷେତ୍ରର ଅଭିବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସଂପର୍କରେ ବୈଠକରେ ଆଲୋକପାତ କରିଥିଲେ ।

---

# ଫିଟ୍ ଇଣ୍ଡିଆ

ଦୈନନ୍ଦିନ ଜୀବନରେ ବ୍ୟାୟାମ ଏବଂ କ୍ରୀଡ଼ାକୁ ଅନ୍ତର୍ଭୁକ୍ତ କରି ସୁସ୍ଥ ଜୀବନଶୈଳୀ ଆପଣେଇବା ଲକ୍ଷ୍ୟରେ ଫିଟ୍ ଇଣ୍ଡିଆ ଅଭିଯାନ ସମଗ୍ର ଦେଶରେ କାର୍ଯ୍ୟକାରୀ କରାଯାଉଛି । ଭାରତୀୟ କ୍ରୀଡ଼ା ପ୍ରାଧିକରଣ ପକ୍ଷରୁ ପୁରୀ ବେଳାଭୂମି ଲାଇଟ୍ ହାଉସ୍ ନିକଟରେ ଫିଟ୍ ଇଣ୍ଡିଆ ସନ୍, ସ୍ୟାଣ୍ଡ ଏବଂ ସୋଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଯୋଗ, ମାଲଖମ୍ବ ଏବଂ ଗୋଟିପୁଅ ନୃତ୍ୟ ଆଦି ପରିବେଷିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ସମେତ ୨୦୦ରୁ ଅଧିକ ଲୋକ ଅଂଶ ଗ୍ରହଣ କରିଥିଲେ ।

---

# କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପଞ୍ଚମ କାଶ୍ମିରୀ ଯୁବ ବିନିମୟ କାର୍ଯ୍ୟକ୍ରମ କଟକର ନେତାଜୀ ବସ୍

ଟର୍ମିନାଲ୍ ପରିସରରେ ଗତକାଲି ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରତିଭାଗୀମାନଙ୍କୁ ଜିଲ୍ଲାର ବିଭିନ୍ନ ଐତିହାସିକ ଏବଂ ସାଂସ୍କୃତିକ ସ୍ଥଳୀ ପରିଦର୍ଶନ ପାଇଁ ପରାମର୍ଶ ଦେଇଥିଲେ । ଆସନ୍ତା  ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମକ ଚାଲିବ।

---

# ଏଫ୍‌ଆଇଏଚ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଗତସନ୍ଧ୍ୟାରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍ ମହିଳା ବର୍ଗ ମ୍ୟାଚ୍‌ରେ ଭାରତ’ ଇଂଲଣ୍ଡକୁ ୩-୨ ଗୋଲ୍‌ରେ ପରାସ୍ତ କରିଛି ।

ଅନ୍ୟପକ୍ଷରେ ପୁରୁଷ ବର୍ଗ ପ୍ରତିଯୋଗିତାରେ ଭାରତ’ ସ୍ପେନ୍‌ଠାରୁ ପରାସ୍ତ ହୋଇଛି । ସ୍ପେନ୍’ ଭାରତକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି ।

# ମାର୍ଗଦର୍ଶିକା

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତ ଜନିତ ସ୍ଥିତିର ମୁକାବିଲା ଲାଗି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଏଥିସହ ସମସ୍ତ ପୌରାଞ୍ଚଳରେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

---